ରାଷ୍ଟ୍ରପତିଙ୍କ ମାଧ୍ୟମରେ ବିଶ୍ୱ ଜାଗୃତି ମିଶନ

ବନାମ

ବନାମ କ୍ୟାବିନେଟ୍ ସଚିବ ଏବଂ ଅନ୍ୟମାନଙ୍କ ମାଧ୍ୟମରେ କେନ୍ଦ୍ର ସରକାର

3, ଅଗଷ୍ଟ 2001

[ମୁଖ୍ୟ ନ୍ୟାୟାଧୀଶ ଡ. ଏ. ଏସ୍. ଆନନ୍ଦ, , ଆର୍. ସି. ଲାହୋଟୀ ଏବଂ

କେ. ଜି. ବାଲକ୍ରିଷ୍ଣନ, ନ୍ୟାୟାଧୀଶବୃନ୍ଦ ]

*ଶିକ୍ଷାନୁଷ୍ଠାନ- ରାଗୀଙ୍ଗ- ରାଗୀଙ୍ଗର ବିପଦକୁ ରୋକିବା ପାଇଁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ ଏବଂ ନିୟମ ସମୂହ - ଉକ୍ତ ନିର୍ଦ୍ଦେଶାବଳୀର ବ୍ୟାପକ ପ୍ରଚାର କରାଯିବ ।*

*ରାଷ୍ଟ୍ରପତିଙ୍କ ମାଧ୍ୟମରେ ବିଶ୍ୱ ଜାଗୃତି ମିଶନ ବନାମ କ୍ୟାବିନେଟ ସଚିବଙ୍କ ମାଧ୍ୟମରେ କେନ୍ଦ୍ର ସରକାର ଏବଂ ଅନ୍ୟାନ୍ୟ, [2001]* **3 SCR . 540, ମାମଲା ଉଲ୍ଲେଖ କରାଯାଇଛି ।**

ମୂଳ ଦେୱାନୀ ନ୍ୟାୟିକ ଅଧିକାରିତା ଆଜ୍ଞାଦେଶ ଆବେଦନ (C) ସଂଖ୍ୟା 656/1998 ।

(ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 32 ଅନୁଯାୟୀ)

ଅତିରିକ୍ତ ସଲିସିଟର ଜେନେରାଲ, ମୁକୁଲ ରୋହତଗୀ, ମନିନ୍ଦର ସିଂହଙ୍କ ପାଇଁ, ଅଜୟ ଶର୍ମା, ବି. ଭି. ବଳରାମ ଦାସ, ସୁଷମା ସୁରୀ, ସିଦ୍ଧାର୍ଥ ଭଟନାଗର, ଗୌରବ କେ. ବାନାର୍ଜୀ ଏବଂ ପ୍ରଶାନ୍ତ କୁମାରଙ୍କ ତରଫରୁ ସୁଶ୍ରୀ ଲଲିତା କୋହଲି, ସୁଶ୍ରୀ କବିତା ୱାଡିଆ ପକ୍ଷମନାଙ୍କ ପାଇଁ ହାଜର ହୋଇଥିଲେ ।

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଆବେଦନକାରୀ ପାଇଁ ବିଦ୍ୱାନ ଓକିଲ ଦାଖଲ କରିଛନ୍ତି ଯେ ଏହି ଆବେଦନ, ଯାହା ଦେଶର ଶିକ୍ଷାନୁଷ୍ଠାନରେ ନୂତନ ଛାତ୍ରଙ୍କ ରାଗୀଙ୍ଗ ପ୍ରସଙ୍ଗରେ ପ୍ରଚଳିତ ବିପଦକୁ ଦର୍ଶାଇ ଲୋକହିତରେ ଦାଖଲ କରାଯାଇଥିଲା, ତାହା 4 ମେ, 2001 ରେ ନ୍ୟାୟାଳୟଙ୍କ ଆଦେଶ ମାଧ୍ୟମରେ ଏହାର ଉଦ୍ଦେଶ୍ୟ ହାସଲ କରିଛି । ସେ ଦାଖଲ କରିଛନ୍ତି ଯେ ଏହି ଆବେଦନ ସମ୍ବନ୍ଧରେ ଆଉ କିଛି

କରିବାର ଆବଶ୍ୟକତା ନାହିଁ, କେବଳ ଏହା ବ୍ୟତୀତ ଯେ ସେହି ଆଦେଶରେ ଥିବା ନ୍ୟାୟାଳୟର ପ୍ରସ୍ତାବିତ ନିର୍ଦ୍ଦେଶାବଳୀକୁ ଉତ୍ତରଦାତାମାନଙ୍କ ଦ୍ୱାରା ବ୍ୟାପକ ପ୍ରଚାର କରାଯିବାକୁ ନିର୍ଦ୍ଦେଶ ଦିଆଯିବ ।

ଉତ୍ତରଦାତାମାନଙ୍କ ତରଫରୁ ଉପସ୍ଥିତ ହୋଇଥିବା ବିଦ୍ୱାନ ଅତିରିକ୍ତ ମହାନ୍ୟାୟାଭିକର୍ତ୍ତା ଦାଖଲ କରନ୍ତି ଯେ ଆବଶ୍ୟକ କାର୍ଯ୍ୟ କରାଯିବ । ଆମେ ବୟାନ ଅଭିଲିଖିତ କରୁଅଛୁ ଏବଂ ଆଜ୍ଞାଦେଶ ଆବେଦନର ଫଏସଲା ନ୍ୟାୟାଳୟଙ୍କର 4 ମେ, 2001 ରେ ଆଦେଶ ଅନୁଯାୟୀ ସମାଧାନ କରୁଅଛୁ, ଯାହା ସମ୍ପୂର୍ଣ୍ଣ ହୋଇଛି ।

R.P. ଆବେଦନର ଫଏସଲା କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଭାଷାନ୍ତର :
ମଦନ ମୋହନ ଭୂୟାଁ
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।